THE PRAMEYA

29th April, 2019

# ଆଇଆଇଟିରେ ମେଗା ସ୍ୱାସ୍ଥ୍ୟ ଶିବିର

ଭୁବନେଶ୍ୱର,୨୮।୪(ବ୍ୟୁରୋ): ଆଇଆଇଟି ଭୁବନେଶ୍ୱର କ୍ୟାମ୍ପସରେ ଆମ୍ରି ହସ୍ପିଟାଲ ସହଯୋଗିତାରେ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ଆଇଆଇଟି ଛାତ୍ର, ଫ୍ୟାକଲ୍ଟିଙ୍କ ସହ ଅନ୍ୟ ଷ୍ଟାଫ୍ ଓ ନନ୍ ଟିଚିଂ ଷ୍ଟାଫ୍‌ଙ୍କ ବିଭିନ୍ନ ପରୀକ୍ଷା କରାଯାଇଥିଲା। ଆମ୍ରି ହସ୍ପିଟାଲ ଡାକ୍ତରଙ୍କ ସହ ଆଇଆଇଟିର ମେଡିକାଲ ୟୁନିଟ୍ ମିଳିତ ଭାବେ ଶିବିରକୁ ପରିଚାଳନା କରିଥିଲେ।

କାର୍ଯ୍ୟବ୍ୟସ୍ତତା ଯୋଗୁ ଆଇଆଇଟି ବହୁ ଷ୍ଟାଫ୍ ନିଜ ସ୍ୱାସ୍ଥ୍ୟ ପ୍ରତି ଯତ୍ନଶୀଳ ହୋଇ ପାରୁନାହାନ୍ତି। ଆଇଆଇଟି ନିଜର ଷ୍ଟାଫ୍‌ଙ୍କ ସହ ଛାତ୍ରଛାତ୍ରୀଙ୍କ ପାଇଁ ଏହି ମେଗା ଶିବିର କରିଥିବା ଆଇଆଇଟିର ନିର୍ଦ୍ଦେଶକ ପ୍ରଫେସର ଆର୍ ଭି ରାଜା କୁମାର କହିଛନ୍ତି।

ଶିବିରରେ ରକ୍ତ ଶର୍କରା, ଇସିଜି, ପଲ୍ମୋନାରୀ ଫଙ୍କସନ ଟେଷ୍ଟ, ଆଖି ପରୀକ୍ଷା କରିଥିଲେ। ହୃଦ୍, ମେଡିସିନ୍, ସ୍ତ୍ରୀ ରୋଗ ଓ ପ୍ରସୂତି ଓ ଆଖି ବିଭାଗର ବିଶେଷଜ୍ଞମାନେ ମାଗଣାରେ ଚିକିତ୍ସା ପରାମର୍ଶ କରିଥିଲେ।

